# ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନ ଧାରା

ଓଡ଼ିଆ ଲିପି ଅନ୍ୟ ଭାରତୀୟ ଲିପିମାନଙ୍କ ପରି ପ୍ରାଚୀନ ଭାରତର 'ବ୍ରାହ୍ମୀଲିପି'ରୁ ବିବର୍ତ୍ତିତ ହୋଇ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀଠାରୁ ଆରମ୍ଭ କରି ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ କେତେକ ସ୍ତର ଦେଇ ଗତି କରିଅଛି। ଶେଷୋକ୍ତ ଶତାବ୍ଦୀରେ ଏହା ପ୍ରାୟ ଗୋଲାକାର ଲିପିରେ ପରିଣତ ହୋଇଛି। ଯାହାକି ସେ ସମୟର ଭାରତର ବିଭିନ୍ନ ଅଞ୍ଚଳମାନଙ୍କରୁ ପ୍ରାପ୍ତ ଅନେକ ଶିଳାଲେଖ ତଥା ତାମ୍ରଲେଖମାନଙ୍କରୁ ସ୍ପଷ୍ଟ ରୂପେ ଜାଣିହୁଏ। ତେଣୁ ଏହି ଖୋଦିତ ଲେଖାବଳୀର ଲିପିଗୁଡ଼ିକୁ କେତେକ ସ୍ତର ବା ଶ୍ରେଣୀରେ ଅନ୍ତର୍ଭୁକ୍ତ କରି ନିମ୍ନଲିଖିତ ଐତିହାସିକ କାଳାନୁକ୍ରମରେ ବିଭାଗୀକରଣ କରାଯାଇପାରେ। ଯଥା -

(୧) **ବ୍ରାହ୍ମୀଲିପି :** (ଖ୍ରୀ:ପୂ ତୃତୀୟ. ଶତାବ୍ଦୀରୁ ଆରମ୍ଭ କରି ଖ୍ରୀ:ଅ ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ)

- ଜଉଗଡ଼ ଓ ଧଉଳିଗିରିସ୍ଥ ଅଶୋକାନୁଶାସନ।
- ଉଦୟଗିରିସ୍ଥ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖ।

(୨) **ଗୁପ୍ତଲିପି :** (ଖ୍ରୀ:ଅ ଚତୁର୍ଥ ଶତାବ୍ଦୀଠାରୁ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ)।

- ଧର୍ମରାଜଙ୍କ ସୁମଣ୍ଡଳ ତାମ୍ରଶାସନ (ଖ୍ରୀ:୫୭୦)
- ଲୋକବିଗ୍ରହଙ୍କ କଣାସ ତାମ୍ରଶାସନ (ଖ୍ରୀ:୬୦୦)
- ଶିବରାଜଙ୍କ ପଟିଆ କିଲ୍ଲା ତାମ୍ରଶାସନ (ଖ୍ରୀ:୬୦୨)
- ମାଧବବର୍ମାଙ୍କ ଗଞ୍ଜାମ ତାମ୍ରଶାସନ (ଖ୍ରୀ:୬୨୦)

(୩) **ସୂକ୍ଷ୍ମକୋଣୀ ଲିପି (କୁଟିଳ ଲିପି) :** (ଖ୍ରୀ:ଅ ୭ମ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ)

- ଗଙ୍ଗ, ଭୌମକର ଓ ସୋମବଂଶୀମାନଙ୍କ ଅଭିଲେଖ।

(୪) **ମାଗଧୀ ଲିପି :** (୧୧ଶ ଶତାବ୍ଦୀଠାରୁ ୧୪ଶ ଶତାବ୍ଦୀ ପର୍ଯ୍ୟନ୍ତ)

(୫) **ପ୍ରାଚୀନ ଓଡ଼ିଆ ଲିପି :** (୧୪ଶ ଶତାବ୍ଦୀଠାରୁ ୧୬ଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ)

(୬) **ଆଧୁନିକ ଓଡ଼ିଆ ଲିପି :** (ଖ୍ରୀ:ଅ ୧୬ଶ ଶତାବ୍ଦୀଠାରୁ ଅଦ୍ୟାବଧି)

ଏଥିରୁ ଯାହା ମନେହୁଏ ସପ୍ତମ ଶତାବ୍ଦୀଠାରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ଲିପି ପ୍ରୟୋଗ ଦିଗରେ ନାନାବିଧ ପରୀକ୍ଷା କରାଯାଇଥିଲା। ବିଭିନ୍ନ ରାଜଶକ୍ତିର ଅଭ୍ୟୁଦୟ ରାଜନୈତିକ ଦୃଷ୍ଟିରୁ ଓଡ଼ିଶାର ଭୌଗୋଳିକ ବିଭାଜନ ଏବଂ ବିଭିନ୍ନ ଐତିହ୍ୟ ଓ ସଂସ୍କୃତିର ସ୍ୱାତନ୍ତ୍ର୍ୟବୋଧ ହେତୁ ଏକାଧିକକ୍ରମେ ବିଭିନ୍ନ ଲିପିର ପ୍ରଚଳନ ହୋଇଥିବାର ଜଣାଯାଏ। ଉଦାହରଣ ସ୍ୱରୂପ - ପୂର୍ବୋତ୍ତର ଅଞ୍ଚଳସ୍ଥ ଭୌମ, ତୁଙ୍ଗ, ଶୁଳ୍କି, ନନ୍ଦୋଦ୍ଭବ ପ୍ରଭୃତି ବଂଶୀୟ ରାଜାମାନେ ଯେଉଁ ଲିପି ବ୍ୟବହାର କରିଛନ୍ତି, ତାହା ଓଡ଼ିଶାର ଦକ୍ଷିଣ-ପଶ୍ଚିମାଞ୍ଚଳରେ ପ୍ରାୟତଃ ଦେଖାଯାଏ ନାହିଁ; ବରଂ ଦକ୍ଷିଣାଞ୍ଚଳ (କଳିଙ୍ଗ)ରେ ବ୍ୟବହୃତ ଲିପି ସଙ୍ଗେ ସେ ସମୟରେ ପଡ଼ୋଶୀ ରାଜ୍ୟ ବେଙ୍ଗୀରେ ବ୍ୟବହୃତ ଲିପିରେ ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ। ପଶ୍ଚିମାଞ୍ଚଳ (ଦକ୍ଷିଣକୋଶଳ)ରେ ସୋମବଂଶୀ ଭଞ୍ଜ, ନାଗ ପ୍ରଭୃତି ରାଜାମାନଙ୍କ ବ୍ୟବହୃତ ଲିପିରେ ଉତ୍ତର-ଭାରତୀୟ ଶୈଳୀର ପ୍ରଭାବ ପଡ଼ିଥିବାର ଜଣାଯାଏ। ପୂର୍ବ-ଭାରତୀୟ ଶୈଳୀ ମଧ୍ୟ ଭୌମମାନଙ୍କର ବ୍ୟବହୃତ ଅନୁଶାସନଗୁଡ଼ିକରେ ପରିଦୃଷ୍ଟ ହୁଏ। ଐତିହାସିକ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ- "ଭାରତୀୟ ବର୍ଣ୍ଣମାଳାର

ପ୍ରାଚୀନ ଆକୃତି କାଳକ୍ରମେ ପ୍ରାଦେଶିକ ଭେଦରେ ବଦଳିଯିବା ସଙ୍ଗେ ସଙ୍ଗେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଏପରି ଲିପିର ଭେଦ ଦେଖିବାକୁ ମିଳିଥାଏ।" (ରାଜଗୁରୁ, ସତ୍ୟନାରାୟଣ, ଓଡ଼ିଆ ଲିପିର କ୍ରମବିକାଶ, ୧୯୬୦, ପୃ: ୧୮-୧୯)

ଏହି ସମୟରେ ଅନୁଶାସନମାନଙ୍କରେ ଲିପି ପ୍ରୟୋଗ କ୍ଷେତ୍ରରେ ଯେଉଁ ପରୀକ୍ଷାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା ତା'ର କେତେକ ଦୃଷ୍ଟାନ୍ତ ଏପରି ଭାବେ ଏଠାରେ ଦିଆଯାଇପାରେ–

(୧) **ଅନନ୍ତବର୍ମଦେବଙ୍କ ମଣ୍ଡାସା ତାମ୍ରଶାସନ (ଖ୍ରୀ:୯୯୯) :**

ଏଥିରେ ସର୍ବମୋଟ ୭୩୮ଟି ଅକ୍ଷର ରହିଛି। ଏଥିରୁ ୧୯୯ଟି ଦକ୍ଷିଣ-ନାଗରୀ ଲିପି, ୫୯ଟି ତେଲଗୁ, ୧୦୧ଟି ତାମିଲ, ୧୫୭ଟି ଓଡ଼ିଆ ଏବଂ ଅବଶିଷ୍ଟାଂଶ କଳିଙ୍ଗ ଲିପି ସଦୃଶ ଦେଖିବାକୁ ମିଳିଥାଏ।

(୨) ଧ୍ୱନିତାତ୍ତ୍ୱିକ ଦୃଷ୍ଟିକୋଣରୁ ଲ–ଳ, ଯ–ୟ, ବ–ବ ମଧ୍ୟରେ ଭେଦରୂପ ଦେଖାଇବା ପାଇଁ ଶୀର୍ଷ-ମୁଣ୍ଡଳୀ ଓ କୁଟିଳ ରେଖାବିନ୍ୟାସ; ସୌନ୍ଦର୍ଯ୍ୟ ବୃଦ୍ଧି ଓ ଧ୍ୱନିଗତ ସ୍ୱାତନ୍ତ୍ର୍ୟ ପ୍ରକାଶ ପାଇଁ ପୁଚ୍ଛ ସଂଯୋଜନ ଆଦି ପ୍ରଚଳନ ହୋଇଥିବାର ଜଣାଯାଏ।

ଏଥିରୁ ଅନୁମେୟ ହୁଏ ଯେ, ତୋଷଳୀର ଭୌମବଂଶୀୟ ରାଜାମାନେ ପ୍ରଥମେ ପୁଚ୍ଛର ପ୍ରୟୋଗ ଆରମ୍ଭ କରିଥିଲେ ଏବଂ କୋଶଳୋତ୍କଳର ସୋମବଂଶୀ ରାଜାମାନେ କୁଟିଳାକ୍ଷରର ବହୁଳ ପ୍ରଚାର କରିଥିଲେ। ପରବର୍ତ୍ତୀ କାଳରେ ଏହି ପୁଚ୍ଛ ଓ କୁଟିଳ ରେଖା ବ୍ୟାପକ ଉଦ୍ଦେଶ୍ୟରେ ଓଡ଼ିଆ ଲିପିରେ ସଂରକ୍ଷିତ ହୋଇଥିଲା।

ବର୍ତ୍ତମାନ ଓଡ଼ିଆ ଲିପିର କ୍ରମ-ବିବର୍ତ୍ତନ ଧାରାର ବିଭିନ୍ନ ସ୍ତର ସମ୍ପର୍କରେ ଏଠାରେ ଆଲୋଚନା କରାଯାଇପାରେ–

## (କ) ପ୍ରାଚୀନ ବ୍ରାହ୍ମୀଲିପି :

ବିଶ୍ୱର ଖ୍ୟାତନାମା ଲିପିତତ୍ତ୍ୱବିଦ୍‌ଙ୍କର ମତରେ ଅନ୍ୟାନ୍ୟ ଭାରତୀୟ ଭାଷାର ଲିପି ସଦୃଶ ଓଡ଼ିଆ ଲିପି ବ୍ରାହ୍ମୀଲିପିରୁ ହିଁ ଉତ୍ପନ୍ନ ହୋଇଛି। ଖ୍ରୀ:ପୂ ଷଷ୍ଠ ଶତାବ୍ଦୀରେ ଓଡ଼ିଶାର ତପସୁ ଓ ଭଲ୍ଲିକ ନାମଧାରୀ ଦୁଇଜଣ ବଣିକ ସଦ୍ୟ ସମ୍ବୋଧିପ୍ରାପ୍ତ ବୁଦ୍ଧଦେବଙ୍କ ଦର୍ଶନ କରି ତାଙ୍କର ପରମ ଶିଷ୍ୟଭାବେ ବୁଦ୍ଧଦେବଙ୍କ ଦ୍ୱାରା ପ୍ରଦତ୍ତ କେଶ ଓ ନଖ ପ୍ରାପ୍ତ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ସେମାନେ ଓଡ଼ିଶାକୁ ଫେରି ତତ୍‌କାଳୀନ ଅସିଆନଗରୀ (ଯାଜପୁର) ଜାରକା ସନ୍ନିକଟ ତାରାପୁର ପାହାଡ଼ରେ ଯେଉଁ କେଶସ୍ତୂପ ନିର୍ମାଣ କରିଥିଲେ- ପରବର୍ତ୍ତୀ ସମୟରେ ଗବେଷକଗଣ ସେଠାରୁ ତିନୋଟି ବ୍ରାହ୍ମୀଲିପି ଖୋଦିତ ଅଭିଲେଖ ପାଇଥିଲେ। ଯାହାର ଲିପି ଥିଲା ମୌର୍ଯ୍ୟବ୍ରାହ୍ମୀଲିପିର ତିନିଶହ ବର୍ଷ ପୂର୍ବର ବ୍ରାହ୍ମୀଲିପି। ସେହିପରି ଜାରକା ନିକଟସ୍ଥ ରାଧାନଗରଠାରେ ଥିବା ପ୍ରାଚୀନ ତୋଷାଳି ନଗରର ସ୍ଥାନରୁ ଉତ୍‌ଖନନ ଦ୍ୱାରା ଯେଉଁ ୭ଗୋଟି ଅଭିଲେଖ ମିଳିଅଛି - ତାହା ହେଉଛି ବ୍ରାହ୍ମୀଲିପିର ପ୍ରାଚୀନ ସଂକେତ। ଏହି ଅଭିଲେଖଗୁଡ଼ିକର ଲିପି ବ୍ରାହ୍ମୀ ଓ ଭାଷା ହେଉଛି ପାଲି। ଏଥିରେ କେଶ, କଳିଙ୍ଗ, ରାଜ, ତପସୁ, ବୁଦ୍ଧ, ତୋଷାଳି, କଳିଙ୍ଗ, ନଗର, କନକ, ମୁନି, ରାଜପ୍ରସାଦ ପ୍ରଭୃତି ଓଡ଼ିଆ ଶବ୍‌ଦ ରହିଛି। ଏସବୁଥିରୁ ପ୍ରମାଣିତ ହୁଏ ଯେ, ଖ୍ରୀ:ପୂ ୬ଷ୍ଠ ଶତାବ୍ଦୀର ଏହି ପ୍ରାଚୀନ ବ୍ରାହ୍ମୀଲିପି ହିଁ ଓଡ଼ିଆ ଲିପିର ପ୍ରାଚୀନତାକୁ ପ୍ରମାଣ କରିଛି। ଐତିହାସିକ ଓ ଲିପିତତ୍ତ୍ୱବିଦ୍ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀଙ୍କ ସମେତ ଆଉ କେତେକ ଲିପିତତ୍ତ୍ୱବିଦ୍ ପ୍ରମାଣ କରିଛନ୍ତି ଯେ, ଖ୍ରୀ:ପୂ ତୃତୀୟ ଶତାବ୍ଦୀର ଧଉଳି ଓ ଜଉଗଡ଼ ଶିଳାଲେଖରୁ ଓଡ଼ିଆ ଲିପିର ଉନ୍ମେଷ ଓ ବିକାଶଧାରାର ସ୍ୱରୂପ ପ୍ରକାଶିତ ହୋଇଛି। ଧଉଳି ବା ଜଉଗଡ଼ ଶିଳାଲେଖରେ ବ୍ୟବହୃତ ଶବ୍‌ଦଗୁଡ଼ିକ ମଧ୍ୟରୁ ଅନେକ ଓଡ଼ିଆ ଶବ୍‌ଦ ଓ ଆଉ କେତେକ ଓଡ଼ିଆ ଶବ୍‌ଦର ନିକଟତର ଭାବେ ଦୃଶ୍ୟମାନ ହୋଇଥାନ୍ତି। ଡକ୍ଟର ସତ୍ୟନାରାୟଣ ରାଜଗୁରୁ ଏହି ଶିଳାଲେଖରୁ ଓଡ଼ିଆ ଅକ୍ଷର ଅ, ଆ, ଇ, ଉ, ଏ, ଓ, କ, ଖ, ଗ, ଘ, ଚ, ଛ, ଜ, ଝ, ଞ, ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ, ଯ, ର, ଲ, ବ, ସ, ଶ, ଷ, କା, କି, କୀ, କୃ, କେ, କୈ ପ୍ରଭୃତି ଅକ୍ଷର ଚିହ୍ନଟ କରିଛନ୍ତି। ଅବଶ୍ୟ ଚିହ୍ନଟ ହୋଇଥିବା ଉପରୋକ୍ତ ଅକ୍ଷର ସମୂହର ଆକୃତି ଆଧୁନିକ ଓଡ଼ିଆ ଲିପି ପରି ନୁହେଁ, [illegible] ମୌର୍ଯ୍ୟ ବ୍ରାହ୍ମୀଲିପି ଲିଖନ ପଦ୍ଧତିଧାରାରେ ଏଗୁଡ଼ିକ ଖୋଦିତ ହୋଇଥିଲେ ହେଁ ଏହିସବୁ ଅକ୍ଷରସମୂହ ଆଧୁନିକ

ଓଡ଼ିଆ ଲିପିର ଯେ ଆଦିରୂପ - ଏହା ସ୍ୱୀକାର କରାଯାଇପାରେ। (ରାଜଗୁରୁ, ସତ୍ୟନାରାୟଣ, ଓଡ଼ିଆ ଲିପିର କ୍ରମବିକାଶ ପୃ: ୨-୫) ପରବର୍ତ୍ତୀ କାଳରେ ମୌର୍ଯ୍ୟ ବ୍ରାହ୍ମୀଲିପିର ସ୍ୱରୂପ ବଦଳିଗଲା। ଲିପିର ସ୍ଥାୟିତ୍ୱ ଦୃଷ୍ଟିରୁ ସରଳରେଖାଯୁକ୍ତ ବ୍ରାହ୍ମୀଲିପି କ୍ରମଶଃ ବକ୍ର ଓ ଗୋଲ ରୂପ ଧାରଣ କଲା, ଯାହାକୁ ଲିପିତତ୍ତ୍ୱବିଦ୍‌ମାନେ 'କୁଶାଣ ବ୍ରାହ୍ମୀଲିପି' ଭାବେ ଚିହ୍ନଟ କରିଛନ୍ତି।

## (ଖ) କୁଶାଣ ବ୍ରାହ୍ମୀଲିପି :

କୁଶାଣ ବଂଶୀୟ ରାଜା ଖାରବେଳଙ୍କ ସମୟବେଳକୁ 'ମୌର୍ଯ୍ୟ ବ୍ରାହ୍ମଲିପି'ର ପରବର୍ତ୍ତିତ ରୂପ ରୂପେ ଯେଉଁ ଲିପିର ସନ୍ଧାନ ମିଳିଛି ତାହାକୁ ଭାଷାବିଦ୍‌ଗଣ 'କୁଶାଣ ବ୍ରାହ୍ମୀଲିପି' ନାମରେ ନାମିତ କରିଛନ୍ତି। ଖାରବେଳଙ୍କ ରାଜତ୍ୱର ତ୍ରୟୋଦଶ ଅଙ୍କରେ ଖୋଦିତ ହାତୀଗୁମ୍ଫା ଶିଳାଲେଖରେ ମୌର୍ଯ୍ୟ ବ୍ରାହ୍ମୀଲପି ଓ କୁଶାଣ ବ୍ରାହ୍ମୀ ଲିପି ଉଭୟ ସ୍ଥାନିତ ହୋଇଛି। ତେବେ କୁଶାଣ ବ୍ରାହ୍ମୀଲିପିର ଏକକ ନିଦର୍ଶନ ହେଉଛି ଭଦ୍ରଖରୁ ପ୍ରାପ୍ତ ମହାରାଜ ଗଣଙ୍କର ଅଭିଲେଖ। ଏହାର ସମୟ ହେଉଛି ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀ। ଏହି ଲିପିର ପରିବର୍ତ୍ତିତ ଗଠନ ରୂପ ଥିଲା ଶୀର୍ଷ ଭାଗରେ ବିନ୍ଦୁ ବା ଚୂଳର ସଂଯୋଗ, କେତେକ କ୍ଷେତ୍ରରେ ତ୍ରିକୋଣୀ ବା ଚତୁଷ୍କୋଣୀ ଆକୃତିର। ଯାହାକି ଲିପିଗୁଡ଼ିକୁ ସ୍ପଷ୍ଟ, ସରଳ ତଥା ପଢ଼ିବାର ଉପଯୋଗୀ କରାଇବା ଦିଗରେ ସମର୍ଥ ଥିଲା। ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀଠାରୁ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ବ୍ରାହ୍ମୀଲିପିର ବିକଶିତ ରୂପକୁ ଭାଷାତତ୍ତ୍ୱବିଦ୍‌ଗଣ 'ଗୁପ୍ତଲିପି' ନାମରେ ନାମିତ କରିଅଛନ୍ତି।

## (ଗ) ଗୁପ୍ତ ଲିପି :

ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀଠାରୁ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ବ୍ରାହ୍ମୀଲିପିର ବିକଶିତ ରୂପ ହେଉଛି 'ଗୁପ୍ତଲିପି'। ଏହି ଲିପି ମାଠର ବଂଶୀୟ ରାଜାଙ୍କ କେତେକ ତାମ୍ରଶାସନ ଓ ମହାରାଜ ତୁଷ୍ଟିକର ଦେବଙ୍କ କେତେକ ତାମ୍ରଶାସନରେ ପରିଦୃଷ୍ଟ ହୋଇଥାଏ। ଏହାଛଡ଼ା ଧର୍ମରାଜଙ୍କ ସୁମଣ୍ଡଳ ତାମ୍ରଶାସନ, ସୋରରୁ ପ୍ରାପ୍ତ ମହାରାଜ ଶଯ୍ୟୁଯଶଙ୍କ ତାମ୍ରପତ୍ର, ଲୋକବିଗ୍ରହଙ୍କ କଣାସ, ତାମ୍ରଶାସନ ଓ ଶିବରାଜଙ୍କ ପଟିଆକିଲା ତାମ୍ରଶାସନର ଲିପି ହେଉଛି 'ଗୁପ୍ତଲିପି'। ଏହି ଲିପିଗୁଡ଼ିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଓଡ଼ିଆ ବର୍ଣ୍ଣମାଳା ଅନ୍ତର୍ଗତ ଖ, ଗ, ଣ, ଥ, ଦ, ଓ ପ୍ରଭୃତି ବର୍ଣ୍ଣ ବର୍ତ୍ତମାନର ଓଡ଼ିଆ ଲିପି ସଦୃଶ।

## (ଘ) କୁଟିଳ ଲିପି (ସୂକ୍ଷ୍ମକୋଣୀ ଲିପି) :

ସପ୍ତମ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀ ମଧ୍ୟରେ ଗୁପ୍ତଯୁଗୀୟ ବ୍ରାହ୍ମୀଲିପିର ଆକୃତିର ବ୍ୟାପକ ପରିବର୍ତ୍ତନ ଦେଖାଦେଇଥିଲା। ଏହି ପରିବର୍ତ୍ତିତ ଲିପିଗୁଡ଼ିକ କୁଟିଳାକୃତି ବା କଣ୍ଟକ ଆକୃତି ଧାରଣ କରିଥିବାରୁ ଏଗୁଡ଼ିକୁ କୁଟିଳ ଲିପି, କଣ୍ଟକଶୀର୍ଷକ ଲିପି, ସୂକ୍ଷ୍ମକୋଣୀ ଲିପି କୁହାଗଲା। ଶୈଳୋଦ୍‌ଭବ ବଂଶୀୟ ରାଜାଙ୍କ ପ୍ରଦତ୍ତ ତାମ୍ରପତ୍ର ଓ ସେହି ସମୟର ମଣ୍ଡଳ ରାଜନ୍ୟବୃନ୍ଦଙ୍କ କେତେକ ତାମ୍ରଶାସନ ତଥା ଭୌମକର ବଂଶର ତାମ୍ରଶାସନରେ ଏହି ଲିପି ଖୋଦିତ ହୋଇଥିବାର ଦେଖାଯାଇଛି। ଏହି ଲିପିର ବ୍ୟବହାର ଦେଶୀୟ ଭିତ୍ତିରେ ଭିନ୍ନ ଭିନ୍ନ ରୂପ ଥିଲା। ଯେପରି କଳିଙ୍ଗ ଓ ଦକ୍ଷିଣ କୋଶଳ ଦେଶରେ ତିନିଶହ ବର୍ଷ ଧରି ପେଟିକାଶୀର୍ଷକ ଲିପିର ପ୍ରଚଳନ ଥିଲା। ପରିବର୍ତ୍ତନ ଧାରାରେ ପ୍ରତ୍ୟେକଟି ବର୍ଣ୍ଣର ଶିର ଦେଶକୁ ପେଡ଼ିପରି ଚାରିକୋଣିଆ କରାଯାଇଥିବାରୁ ଏଗୁଡ଼ିକୁ 'ପେଟିକାଶିର ଲିପି' କୁହାଯାଏ। ବାକାଟକ ରାଜା ପ୍ରବରସେନ, ନଳବଂଶୀୟ ମହାରାଜା ଭଗଦତ୍ତ ଶର୍ମା, ଶରଭପୁରୀୟ ରାଜା ମହାସୁଦେବ ଓ ଦକ୍ଷିଣକୋଶଳର ରାଜା ତୀବର ଦେବ ପ୍ରଭୃତି ତାମ୍ରଶାସନ ଓ ସ୍ୱର୍ଣ୍ଣମୁଦ୍ରାରେ ଏହି ଲିପିର ବ୍ୟବହାର ହୋଇଥିବାର ଜଣାଯାଏ। ଏତଦ୍‌ଭିନ୍ନ କଳିଙ୍ଗର ଗଙ୍ଗବଂଶୀୟ ରାଜନ୍ୟବୃନ୍ଦ ମଧ୍ୟ ଏହି ଲିପିକୁ ଦୀର୍ଘକାଳ ଧରି ପ୍ରଚଳନ କରିଥିବାର ଜଣାଯାଏ।

## (ଙ) ପ୍ରନ୍ - ଓଡ଼ିଆ ଲିପି (ଉଡ୍ରଲିପି) :

କ୍ରମେ କ୍ରମେ ପରିବର୍ତ୍ତିତ ଧାରାରେ ପ୍ରଥମେ ଓଡ଼ିଆ ଲିପି ବିକଶିତ ଅବସ୍ଥାରେ ପ୍ରନ୍ ଓଡ଼ିଆ ଲିପିର ସ୍ୱରୂପ ପ୍ରକାଶିତ ହୋଇଥିଲା। ଯେଉଁଥିରୁ ଜନ୍ମ ନେଇଥିଲା ପୂର୍ବାଞ୍ଚଳୀୟ ଓ ତିବ୍‌ବତ ଲିପି। ତିବ୍‌ବତୀୟମାନେ ଏହି ଲିପିକୁ ଆଦର୍ଶ ଲିପି

ଭାବରେ ଗ୍ରହଣ ପୂର୍ବକ ନିଜର ଧ୍ୱନିତାତ୍ତ୍ୱିକ ଅବସ୍ଥାରେ ତିବ୍‌ବତୀୟ ବର୍ଣ୍ଣମାଳାର ଉନ୍ମେଷ ଘଟାଇଥିଲେ। ଏହି ଲିପି ସପ୍ତମ ଶତାବ୍ଦୀରୁ ଓଡ଼ିଶାରେ ଏକ ସ୍ୱତନ୍ତ୍ର ଲିପି ରୂପେ ପ୍ରଚଳିତ ଥିଲା। ଯେଉଁ ଲିପିରେ ସିଦ୍ଧାଚାର୍ଯ୍ୟଗଣ ଚର୍ଯ୍ୟାଗୀତିକା ଓ ନାଥ ସିଦ୍ଧମାନେ 'ସିଦ୍ଧସାହିତ୍ୟ' ରଚନା କରିଥିଲେ। ତିବ୍‌ବତରେ ଏହାକୁ ଏକ ଧର୍ମୀୟ ଲିପି ଭାବରେ ଗ୍ରହଣ କରାଯାଇ ନାମକରଣ କରାଯାଇଥିଲା 'ଓ୍ୱାର୍ତ୍ତୁଲିପି'। ଏହି ଲିପିର ଅକ୍ଷରଗୁଡ଼ିକର ଆକୃତିକୁ ନେଇ ବିଚାର କଲେ ଦେଖାଯାଏ ଯେ, ଇ, ଈ, ଏ, ଓ, କ, ଖ, ଗ, ଙ, ଚ, ଜ, ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ, ପ, ଫ, ବ, ମ, ଯ, ଳ, ଶ, ଷ, ସ ଅକ୍ଷରଗୁଡ଼ିକ ଅବିକଳ ଓଡ଼ିଆ ଅକ୍ଷର ପରି। ଏପରିକି ଅନୁସ୍ୱାର ବିସର୍ଗର ଚିହ୍ନ ମଧ୍ୟ ଓଡ଼ିଆ ପରି। ଏ ଦୃଷ୍ଟିରୁ ବିଚାର କଲେ 'ଓଡ୍ରଲିପି' ତବ୍‌ବତୀୟମାନେ 'ଓ୍ୱାର୍ତ୍ତୁଲିପି' ନାମରେ ହିଁ ଗ୍ରହଣ କରିଛନ୍ତି। ଏଠାରେ ସ୍ମରଣ କରାଯାଇପାରେ ସେ ସମୟରେ ଏହି ଲିପି ଓଡ଼ିଶା, ବଙ୍ଗଳା, ଆସାମ ସମେତ ସମଗ୍ର ପୂର୍ବାଞ୍ଚଳ ତଥା ନେପାଳ, ଭୁଟାନ ଓ ତିବ୍‌ବତରେ ପ୍ରଚଳିତ ଥିଲା। ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀଙ୍କ ମତରେ - "ଏହି ଲିପିରୁ ଓଡ଼ିଆ, ଅସମୀୟା ଓ ମୈଥିଳୀ ଲିପି ବିବର୍ତ୍ତିତ ରୂପ ଗ୍ରହଣ କରିଥିଲା।" ଉରଜାମ୍ ଶିଳାଲେଖ, କପିଳାସ ଦଧିନଉତି ଶିଳାଲେଖ, ଶଙ୍କରାନନ୍ଦ ମଠ ତାମ୍ରଶାସନ, କେନ୍ଦୁଲି ତାମ୍ରଶାସନ, ସିଦ୍ଧେଶ୍ୱର ମନ୍ଦିର ସ୍ତମ୍ଭାଭିଲେଖ ପ୍ରଭୃତିରେ ଏହି ଲିପି ପରିଦୃଷ୍ଟ। ଏହି ଲିପିସମୂହର ଉପରିଭାଗକୁ ଗୋଲ କରାନଯାଇ ରେଖାଉତ୍କୀର୍ଣ୍ଣ କରାଯାଇଛି। କେତେକ ସ୍ଥଳେ ଏଗୁଡ଼ିକ ତ୍ରିକୋଣାକାର ଓ ସୂକ୍ଷ୍ମକୋଣୀ ରୂପ ଗ୍ରହଣ କରିଛି। ପ୍ରତ୍ନଓଡ଼ିଆ ଲିପିର ଏ, ଐ, ଓ, ଔ - ଚାରିଗୋଟି ସ୍ୱରବର୍ଣ୍ଣ, ତଥା ଖ, ଗ, ଘ, ଟ, ଠ, ଣ, ଶ, ଷ ଏବଂ କ୍ଷ ପ୍ରଭୃତି ଦଶଗୋଟି ବ୍ୟଞ୍ଜନବର୍ଣ୍ଣ ସହିତ ଆଧୁନିକ ଓଡ଼ିଆ ଲିପିର ଆକୃତିଗତ ସାମ୍ୟଥିବାର ଦେଖିବାକୁ ମିଳିଥାଏ।

## (ଚ) ପ୍ରାଚୀନ ଓଡ଼ିଆ ଲିପି :

ଗଙ୍ଗବଂଶ ରାଜତ୍ୱର ଶେଷ ସମୟ ଅର୍ଥାତ୍ ଚତୁର୍ଥ ଶତାବ୍ଦୀରୁ ଓଡ଼ିଆ ଭାଷା ରାଜକୀୟ ଭାଷାର ମର୍ଯ୍ୟାଦା ଲାଭ କଲା। ଏହି ସମୟରେ ନାଥ ସାହିତ୍ୟ, ସିଦ୍ଧ ସାହିତ୍ୟ ଓ ଚଉତିଶା ସାହିତ୍ୟ ପ୍ରଭୃତି ଓଡ଼ିଆ ଲିପିରେ ଲିଖିତ ହୋଇଥିଲା। ଏପରିକି ସାଧାରଣ ଲିଖନକାରମାନେ ସେହି ସମୟରୁ ଓଡ଼ିଆ ଲିପିରେ ତାଳପତ୍ରରେ ଲେଖାଲେଖି କରୁଥିଲେ। କ୍ରମଶଃ ଓଡ଼ିଆ ଲିପି ବର୍ତ୍ତୁଳାକାର ରୂପ ଗ୍ରହଣ କରିଥିଲା। ଲିପିକାରମାନେ ଗଙ୍ଗରାଜାଙ୍କ ନିର୍ଦ୍ଦେଶରେ ଗୋଲାକାର ଲିପି ସଦୃଶ ଗୋଲାକାର ଓଡ଼ିଆ ଲିପି ଖୋଦନ କରିଥିଲେ। ବିଶେଷ କରି ଲେଖନକାରମାନେ ତାଳପତ୍ରରେ ଲୌହ ଲେଖନୀ ଦ୍ୱାରା ଲେଖିବାବେଳେ ରେଖାଯୁକ୍ତ ଅକ୍ଷର ଲେଖିଲେ କାଳେ ତାଳପତ୍ର ଚିରିଯିବ ଏହି ଭୟରେ ସେମାନେ ରେଖା ପରିବର୍ତ୍ତେ ବକ୍ରରେଖା ଲେଖିବାକୁ ବାଧ୍ୟ ହୋଇଥିଲେ। ତାଳପତ୍ରରେ ଲିଖିତ ବର୍ତ୍ତୁଳାକୃତି ଅକ୍ଷର ଲେଖିବା ସହଜ ତଥା ସ୍ଥାୟୀ ହେଉଥିବାରୁ ସେମାନେ ଏହାକୁ ଆପଣେଇ ନେଇଥିଲେ। ପରିଣାମ ସ୍ୱରୂପ ତାଳପତ୍ରରେ ଲେଖିବା ଲେଖନକାରୀମାନଙ୍କର କୌଳିକ ବୃତ୍ତିରେ ପରିଣତ ହୋଇ ସାର୍ବଜନୀନରୂପ ଗ୍ରହଣ କଲା। (ରାଜଗୁରୁ, ସତ୍ୟନାରାୟଣ, ଓଡ଼ିଆ ଲିପିର କ୍ରମବିକାଶ, ପୃ : ୧୭-୧୮)

ପ୍ରାଚୀନ ଓଡ଼ିଆ ଲିପିର ନିଦର୍ଶନ ସ୍ୱରୂପ ଦେଖିବାକୁ ମିଳିଥାଏ - ଚିକ୍‌କାକୋଲର ପୋତେଶ୍ୱର ମନ୍ଦିରରେ ଖୋଦିତ ଭାନୁଦେବଙ୍କ ଶିଳାଲେଖ, ପଦ୍ମପୁର ନିକଟସ୍ଥ ନୃସିଂହ ମନ୍ଦିରରେ ଥିବା ବୈଜଳ ଦେବଙ୍କ ଶିଳାଲେଖ, ପୁରୀ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାରର ଉଭୟ ପାର୍ଶ୍ୱରେ ଥିବା ଶିଳାଲେଖଗୁଡ଼ିକରେ। ଚତୁର୍ଦ୍ଦଶ ଓ ପଞ୍ଚଦଶ ଶତାବ୍ଦୀର ପରିବର୍ତ୍ତିତ ବିକାଶଧାରାରେ ପ୍ରତ୍ନ-ଓଡ଼ିଆ ଲିପିରୁ ଜନ୍ମ ନେଲା - ପ୍ରାଚୀନ ଓଡ଼ିଆ ଲିପି। ଯେଉଁ ଲିପିରେ ଓଡ଼ିଆ ଭାଷା ସାହିତ୍ୟିକ ଭାଷାର ମର୍ଯ୍ୟଦା ଲାଭ କରିଥିଲା- ସେହି ଭାଷାରେ ରଚିତ ହୋଇଥିଲା ସାରଳା ମହାଭାରତ, ବଳରାମ ଦାସଙ୍କ ଦାଣ୍ଡୀ ରାମାୟଣ, ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଓ ଅଚ୍ୟୁତାନନ୍ଦଙ୍କ ହରିବଂଶ। ଅର୍ଥାତ୍ ପ୍ରାଚୀନ ଓଡ଼ିଆ ଲିପିର ବ୍ୟାପକ ପ୍ରଚଳନ ସମୟ ହେଉଛି ପ୍ରାୟ ପଞ୍ଚଦଶ ଶତାବ୍ଦୀଠାରୁ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ। ସୂର୍ଯ୍ୟବଂଶ ରାଜତ୍ୱବେଳକୁ ପୋଥିଲିଖନ ବହୁଳମାତ୍ରାରେ ବଢ଼ିବାକୁ ଲାଗିଲା। ପ୍ରାଚୀନ ଓଡ଼ିଆ ଲିପି ତା'ର ସଂସ୍କାରିତ ରୂପ ଗ୍ରହଣ କରି ସାର୍ବଜନୀନ ହେଲା।

## (ଛ) ଆଧୁନିକ ଓଡ଼ିଆ ଲିପି :

କ୍ରମବିକଶିତ ଧାରାରେ ସଂସ୍କାରିତ ଓଡ଼ିଆ ଲିପି ପ୍ରତି କ୍ରମଶଃ ସର୍ବସାଧାରଣଙ୍କ ଆଗ୍ରହ ବଢ଼ିବାକୁ ଲାଗିଲା। ପ୍ରାଚୀନ ଓଡ଼ିଆ ଲିପିର ଉପର ଭାଗରେ ବକ୍ରରେଖା ଆଧୁନିକ ଓଡ଼ିଆ ଲିପିରେ କ୍ରମଶଃ ଗୋଲାକାର ରୂପ ଧାରଣ କଲା। ସପ୍ତଦଶ ଶତାବ୍ଦୀଠାରୁ ଅଦ୍ୟାବଧି ଲିଖିତ ତାଳପତ୍ର ପୋଥି, ଶିଳାଲେଖ, ତାମ୍ରଲେଖ ଓ ମୁଦ୍ରିତ ଗ୍ରନ୍ଥମାନଙ୍କରେ ଏହି ଲିପି ବ୍ୟବହୃତ ହୋଇଆସୁଅଛି। ଏହି ଲିପିକୁ ଅଧିକ ଜନପ୍ରିୟ କରାଇବା ଉଦ୍ଦେଶ୍ୟରେ ତତ୍କାଳୀନ ଚାଟଶାଳୀ ଶିକ୍ଷା ଓ ମାଟିବଂଶ ଅବଧାନଙ୍କ ଭୂମିକା ଥିଲା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ।

ସେତେବେଳକାର ଓଡ଼ିଆ ଲିପିର ଲିଖନ ପଦ୍ଧତି ଦୁଇଟି ରୂପରେ ବିକଶିତ ହୋଇଥିଲା। ଯଥା - 'ପାଠଶାଳୀୟ ପଦ୍ଧତି' (ଯାହା ସ୍କୁଲ, କଲେଜ ଏବଂ ପୁସ୍ତକାବଳିରେ ବ୍ୟବହୃତ) ଓ ଅନ୍ୟଟି ଥିଲା 'କରଣୀ ପଦ୍ଧତି' (ଯହିଁରେ ମୋହରିରମାନେ କଚେରୀରେ କାଗଜପତ୍ର ଲେଖନ୍ତି)। ଏହି କରଣି ପଦ୍ଧତି ବା କରଣି ଲିପି ଥିଲା ଓଡ଼ିଆ ଲିପିର ବିକାଶଧାରାରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଚେରି ଲିପି।

## କରଣି ଲିପି (କଚେରି ଲିପି) :

ଓଡ଼ିଆ ଲିପିର ବିକାଶ ତଥା ପ୍ରାଚୀନ ଓଡ଼ିଆ ଲିପିକୁ ମାନକ ରୂପ ଦେବାରେ ଏହାର ଭୂମିକା ଥିଲା ଅନସ୍ୱୀକାର୍ଯ୍ୟ। ଏହା ଥିଲା ହାତଲେଖା ଅକ୍ଷର। ମଧ୍ୟକାଳୀନ ଓଡ଼ିଶାର ରାଜାମାନଙ୍କର ଶାସନ ସମୟରେ କର୍ମଚାରୀବୃନ୍ଦ ଏହି ଲିପିରେ ରାଜାଦେଶ, ହିସାବ, ବିଚାର ବିବରଣୀ, ଖସଡ଼ା ଓ ଚିଠି ଆଦି ତାମ୍ରଫଳକ ଓ ତାଳପତ୍ରରେ ଲେଖୁଥିଲେ। ସେତେବେଳେ ରାଜଦରବାରରେ ବହୁ ସଂଖ୍ୟାରେ କରଣ (ଲେଖନକାରୀ) ରାଜକର୍ମଚାରୀ ଥିଲେ। ସେମାନଙ୍କ ବ୍ୟବହୃତ ଲିପିକୁ କୁହାଯାଉଥିଲା - "କରଣି ଲିପି"। ଏଥିରୁ ଅନୁମିତ ହୁଏ ଯେ, ଯଥାର୍ଥରେ ସେତେବେଳେ 'କରଣ' ଏକ ଜାତି ନଥିଲା, ବରଂ ପଦବୀକୁ ହିଁ ବୁଝାଉଥିଲା। ଏହି ଲିପି ଦୀର୍ଘକାଳ ଧରି ବ୍ୟବହାର ହେଉଥିଲା ଅର୍ଥାତ୍ ସ୍ୱାଧୀନତା ପର୍ଯ୍ୟନ୍ତ ଶାସନକାର୍ଯ୍ୟରେ ବ୍ୟବହୃତ ହେଉଥିଲା- ଯାହାକି ଓଡ଼ିଆ ଲିପିର ପ୍ରାଚୀନତାକୁ ପ୍ରମାଣିତ କରିବାରେ ଏହାର ଯଥେଷ୍ଟ ଭୂମିକା ରହିଛି।

**ବୈଶିଷ୍ଟ୍ୟ :**

୧। କରଣିର, ଅଧିକାଂଶ ସ୍ୱରବର୍ଣ୍ଣ ଓଡ଼ିଆ ଲିପି ସହିତ ସମାନ ଥିବା ସ୍ଥଳେ କେବଳ 'ଆ, 'ଇ' ଏବଂ 'ଏ' ଓଡ଼ିଆ ଲିପିଠାରୁ ଭିନ୍ନ।

୨। ଓଡ଼ିଆ ଲିପିର କ, ଚ, ଛ, ଜ, ଟ, ତ, ବ, ମ, ର, ଳ, ଲ ଇତ୍ୟାଦି କରଣି ଲିପିରେ ସ୍ୱତନ୍ତ୍ର।

୩। ମାତ୍ରା ଯୋଗରେ ଏହି ଲିପିରେ ବା, ରା, ଲା, ସା, ହା, କି, ଚି, ଭି, ରି ,ଲି, ଶ୍ରୀ, ସି, ହି ଚୁ, ଛୁ, ସୁ ଆଦି ତା'ର ଏକ ଏକ ନିଜସ୍ୱ ଲିପି। ଏଥିରେ ଛା, ଝା, ଓ ଠା ଲେଖିବାବେଳେ 'ଆକାର'ର ବାଡ଼ି ପରିବର୍ତ୍ତେ 'ଯ' ଫଳା ବ୍ୟବହୃତ ହୋଇଥିବାର ଦେଖାଯାଏ।

୪। ଏଥିରେ ପାରମ୍ପରିକ ଫଳା ବ, ନ, ମ, ଯ, ର, ଳ, ଲ ଏବଂ ୱଫଳାର ବ୍ୟବହାର ଅଛି। ଏହାର ଅନ୍ୟ ଏକ ବିଶେଷତ୍ୱ ହେଉଛି ଏଥିରେ କେବଳ ବ୍ୟଞ୍ଜନର ନୁହେଁ, ସ୍ୱରବର୍ଣ୍ଣରେ ମଧ୍ୟ ଫଳା ସଂଯୁକ୍ତ ହୋଇଛି। ଅନେକ କ୍ଷେତ୍ରରେ ଦୁଇଗୋଟି ସ୍ୱତନ୍ତ୍ର ଅକ୍ଷର ଗୋଟିଏ ଶବ୍ଦରେ ଲାଗି ଲାଗି ଥିଲେ - ତନ୍ମଧ୍ୟରୁ ଦ୍ୱିତୀୟ ଓ ଶେଷ ଅକ୍ଷରଟି ନ, ମ, ଯ, ର, ଳ, ଲ ବା ୱ ଥିଲେ, ଏହି ଶେଷ ଅକ୍ଷରଟି ମାତ୍ରା ରୂପ ନେଇଥାଏ। ଅନେକ କ୍ଷେତ୍ରରେ 'ଯ' ଫଳା ଓ 'ୱ' ଫଳା ପ୍ରୟୋଗରେ ପାର୍ଥକ୍ୟ ଦେଖାଯାଇ ନଥାଏ।

୫। ଏହି ଲିପିରେ ହ୍ରସ୍ୱ ଓ ଦୀର୍ଘମାତ୍ରା (ଇ-ଈ, ଉ-ଊ) ପ୍ରୟୋଗରେ ଯଥେଚ୍ଛା ବ୍ୟବହାର ରହିଛି। ଦୀର୍ଘ 'ଊ' ମାତ୍ରା ପ୍ରାୟତଃ ବ୍ୟବହୃତ ହେଉ ନଥିବା ସ୍ଥଳେ ଅଧିକାଂଶ ସ୍ଥଳରେ ଦୀର୍ଘ 'ଈ' କାରର ବ୍ୟବହାର ହୋଇଛି।

୬। ଓଡ଼ିଆରେ ଅନେକ ଯୁକ୍ତାକ୍ଷର କରଣିରେ ବ୍ୟବହାର ହୋଇଥିଲେ ହେଁ କ୍ତ, ଙ୍କ, ଣ୍ଡ, ସ, ମ୍ପ, ୟ, ସ୍ଥ, ଷ୍ଟ ପରି କେତେକ ସ୍ୱତନ୍ତ୍ର ଯୁକ୍ତାକ୍ଷର ଓଡ଼ିଆ ଯୁକ୍ତାକ୍ଷରଠାରୁ ଭିନ୍ନ ଓ ସ୍ୱତନ୍ତ୍ର ରୂପରେ ଲିଖିତ ହୋଇଥାନ୍ତି।

୭। ଏଥିରେ 'ଶ', 'ଷ' ଓ 'ସ' ବ୍ୟବହାରରେ କୌଣସି ପାର୍ଥକ୍ୟ ଦେଖିବାକୁ ମିଳେ ନାହିଁ। ବରଂ ଅଧିକାଂଶ ସ୍ଥାନରେ କେବଳ 'ସ'ର ଅଧିକ ବ୍ୟବହାର ଅଛି।

୮। ଏଥିରେ ଶବ୍ଦ ମଧରେ କମା (,)ର ବ୍ୟବହାର ନାହିଁ। ବିଶେଷ କରି ଏଥିରେ ଅକ୍ଷରଗୁଡ଼ିକ ଅସ୍ୱାଭାବିକ ଭାବରେ ଲାଗି ଲାଗି କରି ରହିଥାନ୍ତି।

୯। ଏଥିରେ ପୁଚ୍ଛଯୁକ୍ତ ଅକ୍ଷର (ର, ଲ, ହ) ଓ ଶୃଙ୍ଗଯୁକ୍ତ ଅକ୍ଷର (ଟ, ଏ)ଗୁଡ଼ିକୁ ଅନାବଶ୍ୟକ ଭାବେ ଛଟାଯାଇଛି। ଏହାଛଡ଼ା 'ଇକାର', 'ଈକାର', 'ଉକାର', 'ଐକାର', 'ଔକାର' ତଥା 'ଯ' ଫଳା, 'ଳ' ଫଳା ଓ 'ଲ' ଫଳା ଇତ୍ୟାଦିକୁ ଆବଶ୍ୟକତାଠାରୁ ଅଧିକ ବଡ଼ କରି ବ୍ୟବହାର କରାଯାଇଛି।

୧୦। ଏଥିରେ ଅନୁସ୍ୱାର ଓ ଚନ୍ଦ୍ରବିନ୍ଦୁର ଯଥେଚ୍ଛା ବ୍ୟବହାର ପରିଲକ୍ଷିତ ହୋଇଥାଏ। ଚନ୍ଦ୍ରବିନ୍ଦୁ ଓ ଅନୁସ୍ୱାର ସଂଯୋଗରେ ସ୍ୱର ଓ ବ୍ୟଞ୍ଜନରେ ନାସିକତା ସୃଷ୍ଟି ହୋଇଥାଏ। (ମିଶ୍ର, ଅନ୍ତର୍ଯ୍ୟାମୀ, ଓଡ଼ିଆ ଭାଷାର ଇତିହାସ-ପୃ:୨୧୯)

ପରବର୍ତ୍ତିତ ଧାରାରେ ଲିଖନ କାର୍ଯ୍ୟ ଆଉ 'ଜାତି ଅନୁସାରଣୀ ବୃତ୍ତି ପ୍ରଥା' ହୋଇରହିଲା ନାହିଁ। କରଣମାନଙ୍କ ଛଡ଼ା ଅନ୍ୟ ଜାତିର ଲୋକମାନେ ମଧ ଏହି କାର୍ଯ୍ୟରେ ନିଯୁକ୍ତ ହେଲେ। ତାଳପତ୍ର ଓ ଲୌଖଲେଖନୀ ପରିବର୍ତ୍ତେ କାଗଜ କଲମର ବ୍ୟବହାର ହେଲା। ପାଖାପାଖି ଅକ୍ଷରଗୁଡ଼ିକୁ ମିଶାଇ ମିଶାଇ ଇଂରାଜୀ ଅକ୍ଷର ଲିଖନ ପଦ୍ଧତିରେ ଓଡ଼ିଆ ଅକ୍ଷର ଲେଖିବା ପାଇଁ ଲେଖକମାନେ ଅଧିକ ଆଗ୍ରହ ପ୍ରକାଶ କଲେ। ଏହି ପଦ୍ଧତି ଓଡ଼ିଆ ଛାପାଖାନା ପ୍ରତିଷ୍ଠା ପର୍ଯ୍ୟନ୍ତ ଚାଲିଥିଲା। ବିଂଶ ଶତାବ୍ଦୀରେ ଓଡ଼ିଆ ମୁଦ୍ରାଯନ୍ତ୍ରର ବ୍ୟାପକ ପ୍ରସାର ଫଳରେ ଓଡ଼ିଆ ବର୍ଣ୍ଣମାଳା ନିର୍ଦ୍ଦିଷ୍ଟ ରୂପରେ ଆତ୍ମପ୍ରକାଶ କଲା ଏବଂ ସ୍ୱତନ୍ତତାର ପରିଚୟ ସୃଷ୍ଟି କରିବାରେ ସମର୍ଥ ହେଲା। ପାଠ୍ୟପୁସ୍ତକ, ପତ୍ରପତ୍ରିକାଦିର ପ୍ରକାଶନ ପର୍ବର ଅୟମାରମ୍ଭ ହେଲା। ଏ ଦିଗରେ ସେତେବେଳେ ମିଶନାରୀମାନଙ୍କର ଭୂମିକା ଥିଲା ଅତୀବ ଗୁରୁତ୍ୱପୂର୍ଣ୍ଣ। ସେମାନେ ଓଡ଼ିଆ ଭାଷାରେ ବ୍ୟାକରଣ, ବର୍ଣ୍ଣବୋଧ ଓ ଅଭିଧାନମାନ ରଚନା କରି ପ୍ରକାଶ କଲେ। ଏ ଦିଗରେ ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ' ଥିଲା ଯଥାର୍ଥରେ ଏ ଜାତିର ଲିପି-ଶିକ୍ଷକ। ସେ ସମୟରେ କାଠଖୋଦେଇ, ମୁଦ୍ରିତ ବର୍ଣ୍ଣ ପରେ ରୂପ ନେଲା ସୀସାରେ ଅଙ୍କିତ ବର୍ଣ୍ଣରେ। ମୁଦ୍ରଣ ଶିଳ୍ପର ଦ୍ରୁତ ଉନ୍ନତି ଫଳରେ ଆଧୁନିକ ଅପସେଟ୍ ମୁଦ୍ରଣ ଯନ୍ତ୍ର, କମ୍ପ୍ୟୁଟର ଓ ନେଟୱାର୍କ ଆଦି ମୁଦ୍ରଣ ବ୍ୟବସ୍ଥାରେ ଓଡ଼ିଆ ବର୍ଣ୍ଣମାଳାରେ ସଂସ୍କାରସିଦ୍ଧ ରୂପ ଆଣିବା ଦିଗରେ ଅଦ୍ୟାପି ଭାଷାବିତ୍ ତଥା ଗବେଷକଗଣ ସତତ୍ ଚେଷ୍ଟିତ।

## ଆଧୁନିକ ଓଡ଼ିଆ ଲିପିର ରୂପଗତ ବୈଚିତ୍ର୍ୟ :

ଆଧୁନିକ ଓଡ଼ିଆ ଲିପିର ରୂପଗତ ବୈଚିତ୍ର୍ୟ ରହିଛି ତା'ର ଭେଦକା ଅଂଶ (Distincive Feature) ଓ ଆଳଂକାରିକ (Ornamental Feature)କୁ ନେଇ। ଯାହାକି ଲିପିତତ୍ତ୍ୱ ଅଧ୍ୟୟନ କ୍ଷେତ୍ରରେ ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଆସିଥାଏ। ଏହି ଲକ୍ଷ୍ୟରେ ବର୍ତ୍ତମାନ ଏହାର ରୂପଗତ ବୈଚିତ୍ର୍ୟକୁ ନିମ୍ନଭାଗରେ ଉପସ୍ଥାପନ କରାଯାଇପାରେ। ଯଥା :

(୧) **ଭେଦକା ଅଂଶ :**

ଏହି ଅଂଶର ଅକ୍ଷରଗୁଡ଼ିକର ନିମ୍ନଭାଗ ପ୍ରତ୍ୟେକଟିର ଅପରଠାରୁ ସ୍ୱତନ୍ତ୍ର। ତେଣୁ ଏଗୁଡ଼ିକ ସ୍ୱତନ୍ତ୍ର ଅକ୍ଷର ରୂପେ ପରିଚିତ।

(୨) **ଆଳଂକାରିକ ଅଂଶ :**

ଏଥିରେ ଅକ୍ଷରଗୁଡ଼ିକରେ ଉପରଭାଗ ଅର୍ଦ୍ଧବୃତ୍ତାକାର ତେଣୁ ଏହାର ରୂପ ସମାନ।

ଏହିପରି ରୂପଗତ ଭିନ୍ନତା ବା ସ୍ୱାତନ୍ତ୍ର୍ୟ ଆଧାରରେ ଓଡ଼ିଆ ଲିପିମାଳା ଅନ୍ତର୍ଗତ ଅକ୍ଷରଗୁଡ଼ିକୁ ନିମ୍ନଲିଖିତ ପାଞ୍ଚଟି ସ୍ୱତନ୍ତ୍ର ଶ୍ରେଣୀ ବା ବର୍ଗରେ ଅନ୍ତର୍ଭୁକ୍ତ କରି ଦର୍ଶାଯାଇପାରେ। ଯଥା :

(କ) **ଉପରିଭାଗ ଅର୍ଦ୍ଧବୃତ୍ତାକାର - ବର୍ଣ୍ଣସଂଖ୍ୟା - ୧୩**

କ, ଙ, ଚ, ଛ, ଜ, ଡ, ଢ, ତ, ଦ, ନ, ବ, ଲ, ହ ପ୍ରଭୃତି।

(ଖ) ଉପରିଭାଗ ଅର୍ଦ୍ଧବୃତ୍ତାକାର ଓ ଲାଞ୍ଜଯୁକ୍ତ - ବର୍ଣ୍ଣସଂଖ୍ୟା - ୮

ଇ, ଈ, ଉ, ଊ, ର, ଭ, ଋ, ଲ ପ୍ରଭୃତି।

(ଗ) ଉପରିଭାଗ ଅର୍ଦ୍ଧବୃତ୍ତାକାର ଓ ବାଡ଼ିଯୁକ୍ତ - ବର୍ଣ୍ଣସଂଖ୍ୟା - ୧୨

ଖ, ଗ, ଘ, ଣ, ପ, ଫ, ମ, ଯ, ୟ, ସ, ଶ, ଷ ପ୍ରଭୃତି।

(ଘ) ନିମ୍ନଭାଗ ଅର୍ଦ୍ଧବୃତ୍ତାକାର ଓ ବାଡ଼ିଯୁକ୍ତ - ବର୍ଣ୍ଣସଂଖ୍ୟା - ୪

ଅ, ଆ, ଥ, ଧ ପ୍ରଭୃତି।

(ଙ) ମିଶ୍ରିତ ଅକ୍ଷର - ବର୍ଣ୍ଣସଂଖ୍ୟା - ୯

ଏ, ଐ, ଓ, ଔ, ଞ, ଝ, ଟ, ଠ, ୱ।

ଏହିପରି ଭାବେ ଦେଖିଲେ ଓଡ଼ିଆ ଲିପିମାଳାରେ ମୋଟ ୪୬ଟି (୧୩ + ୮ + ୧୨ + ୪ + ୯) ହେଉଛି ମୌଳିକ ବର୍ଣ୍ଣ ବା ଅକ୍ଷର। ଏଥିରେ ଆଉ ତିନୋଟି ଅଯୋଗବାହ ବର୍ଣ୍ଣ (ଂ, ଁ, ଃ)ର ସମାବେଶ ଘଟି ଓଡ଼ିଆ ବର୍ଣ୍ଣମାଳାର ଅକ୍ଷର ସଂଖ୍ୟା ଆସି ପହଞ୍ଚିଛି ୪୯ରେ। ଅତଏବ ଆଧୁନିକ ଓଡ଼ିଆ ଲିପିମାଳାର ଅକ୍ଷର ସଂଖ୍ୟା ହେଉଛି ୪୯।

**ଓଡ଼ିଆ ଲିପିର ସ୍ୱରୂପ :**

ସାମଗ୍ରିକଭାବେ ବିଚାର ଗଲେ ଓଡ଼ିଆ ଲିପିର ସ୍ୱରୂପ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ଏହିପରି -

- ଓଡ଼ିଆ ଲିପିଗୁଡ଼ିକ ଉଚ୍ଚାରଣଗତ ଦୃଷ୍ଟିରୁ ସ୍ୱରବର୍ଣ୍ଣ (୧୧), ବ୍ୟଞ୍ଜନବର୍ଣ୍ଣ (୩୫) ଓ ଅଯୋଗବାହ ବର୍ଣ୍ଣ (୦୩) ଭାବେ ବିଭାଜିତ।
- ଧ୍ୱନିତତ୍ତ୍ୱ ଦୃଷ୍ଟିରୁ ଓଡ଼ିଆ ଲିପିମାଳାରେ ୪୧ଟି ଧ୍ୱନି ରହିଛି।
- ଏହାର ଲିଖନ କାର୍ଯ୍ୟରେ ବିଭିନ୍ନ ଯୁକ୍ତାକ୍ଷର, ଯଥା ବ୍ୟଞ୍ଜନ + ସ୍ୱରବର୍ଣ୍ଣ, ବ୍ୟଞ୍ଜନ + ବ୍ୟଞ୍ଜନ ରହିଛି।
- ଓଡ଼ିଆ ଲିପିମାଳାରେ ୧୦ଟି ମାତ୍ରା (ଯାହା ସ୍ୱରବର୍ଣ୍ଣର ସାଂକେତିକ ରୂପ) ଓ 'ଫଳା' (ବ୍ୟଞ୍ଜନବର୍ଣ୍ଣର ସାଂକେତିକ ରୂପ) ଭାବରେ ୧୮ଟି ସାଂକେତିକ ରୂପ ରହିଛି।
- ଓଡ଼ିଆ ଲିପିଗୁଡ଼ିକ ବାମ ପଟରୁ ଆରମ୍ଭ ହୋଇ ଡ଼ାହାଣ ଦିଗ କ୍ରମରେ ଲେଖାଯାଇଥାଏ।
- ଓଡ଼ିଆ ଲିପିଗୁଡ଼ିକ ଉଚ୍ଚାରଣାନୁସାରୀ ଆକ୍ଷରିକ। ସ୍ୱରବର୍ଣ୍ଣଗୁଡ଼ିକ ସ୍ୱତଃ ଆକ୍ଷରିକ ଓ ବ୍ୟଞ୍ଜନବର୍ଣ୍ଣଗୁଡ଼ିକ 'ଅ' ସ୍ୱରବର୍ଣ୍ଣଯୁକ୍ତ ହୋଇ ଅକ୍ଷର ରୂପ ଗ୍ରହଣ କରିଥାନ୍ତି।

ଉପରୋକ୍ତ ଆଲୋଚନା ଆଧାରରେ ଏହି ସତ୍ୟ ନିକଟରେ ପହଞ୍ଚିବାକୁ ହୁଏ ଯେ, ଅନ୍ୟ ସହୋଦରା ଲିପି ସଦୃଶ ଓଡ଼ିଆ ଲିପି ପ୍ରାଚୀନ ବ୍ରାହ୍ମୀ ଲିପିରୁ ଜନ୍ମ ନେଇଛି। ପରବର୍ତ୍ତୀ ବିକାଶଧାରାରେ ଏହା ମୌର୍ଯ୍ୟବ୍ରାହ୍ମୀ, କୁଶାଣ ବ୍ରାହ୍ମୀ, ଗୁପ୍ତଲିପି, ପେଟିକାଶିର ଲିପି, କୁଟୀଳ ଲିପି, ପ୍ରନ୍ ଓଡ଼ିଆ ଲିପି, ପ୍ରାଚୀନ ଓଡ଼ିଆ ଲିପି, କରଣି ଲିପି ପ୍ରଭୃତି ସ୍ତର ଦେଇ ଆଜି ଆଧୁନିକ ଓଡ଼ିଆ ଲିପିର ରୂପ ଧାରଣ କରିଅଛି। ଏଇଠି ଆଉ ଗୋଟିଏ ପ୍ରସଂଗ ଅନୁଧ୍ୟାନ ଯୋଗ୍ୟ ଯେ, ଓଡ଼ିଆ ଲିପି ଯଦିଓ ବ୍ରାହ୍ମୀ ଲିପିରୁ ଉତ୍ପତ୍ତି ଲାଭ କରିଛି, କିନ୍ତୁ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀଠାରୁ ଏହାର ମୂଳରୂପ ବ୍ରାହ୍ମୀଲିପିଠାରୁ ସ୍ୱତନ୍ତ୍ର ହୋଇଯାଇଛି। ସପ୍ତମ ଶତାବ୍ଦୀରୁ ଏହା ନିଜର ଆତ୍ମିକ ସନନ୍ଦ ଭାବରେ ପ୍ରତିଭାତ ହୋଇ ଏକାଦଶ ଶତାବ୍ଦୀବେଳକୁ ତା'ର ନିଜର ସ୍ୱତନ୍ତ୍ର ରୂପ ଧାରଣ କରିଛି। ଯାହାକି ତାଳପତ୍ର ପୋଥିରେ ଲୌହଲେଖନୀ ଦ୍ୱାରା ଅଙ୍କିତ ବର୍ତ୍ତୁଳାକାର ଓଡ଼ିଆ ଅକ୍ଷରର ରୂପ ନେଇ ପ୍ରାଚୀନତାକୁ ପ୍ରମାଣିତ କରୁଛି। ଅନ୍ୟପକ୍ଷରେ ଦ୍ରାବିଡ଼ୀୟ ଲିପି (ତେଲଗୁ ଓ ତାମିଲ)ର ପ୍ରସଙ୍ଗକୁ ମଧ୍ୟ ଏ କ୍ଷେତ୍ରରେ ଅସ୍ୱୀକାର କରାଯାଇ ନପାରେ। ଏହି ମର୍ମରେ ଏତିକି ମାତ୍ର କୁହାଯାଇପାରେ ଯେ, ଏହା ଉପରେ ଉତ୍ତର ଭାରତୀୟ ବ୍ରାହ୍ମୀଲିପିର ବିଭିନ୍ନ ବିକଶିତ ସ୍ତରର ପ୍ରଭାବ ଯେତିକି ରହିଛି; ସେତିକି ଦକ୍ଷିଣ ଭାରତୀୟ ତାମିଲ, ତେଲୁଗୁର ବର୍ତ୍ତୁଳାକାର ଲିପିର ମଧ୍ୟ ପ୍ରଭାବ ରହିଛି। ଏହିପରି ଭାବେ ବିଭିନ୍ନ ସମୟଧାରେ, ବିବିଧ ପରିବର୍ତ୍ତନର ପଥ ଦେଇ ଆଜିର ଆଧୁନିକ ଓଡ଼ିଆ ଲିପି ନିଜର ପ୍ରତିଷ୍ଠା ଅର୍ଜନ କରିବା ଦିଗରେ ସମର୍ଥ ହୋଇଛି।

(୧) ଅଶୋକଙ୍କ ସମୟର ବ୍ରାହ୍ମୀଲିପି (ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ)




(୨) ଖାରବେଳ କାଳୀନ ବ୍ରାହ୍ମୀଲିପି (ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ)



(୩) ପେଟିକାଶିର ବା ଶରଭପୁରୀୟ ଲିପି (ଖ୍ରୀଷ୍ଟାବ୍ଦ ୭ମ, ୮ମ, ଓ ୯ମ)




(୪) ସିଦ୍ଧାଚାର୍ଯ୍ୟମାନଙ୍କ ଦୋହାକୋଷ (ଚର୍ଯ୍ୟାଗୀତି) ଲିପି (ଖ୍ରୀଷ୍ଟାବ୍ଦ ୭ମ, ୮ମ, ଓ ୯ମ ଶତାବ୍ଦୀ)



(୫) ସୋମବଂଶୀୟ ଶାସନ କାଳରେ ବିକଶିତ କୁଟିଳାକ୍ଷର ଲିପି (ଖ୍ରୀଷ୍ଟାବ୍ଦ ୯ମ, ଓ ୧୦ମ ଶତାବ୍ଦୀ)




(୬) ଗଙ୍ଗରାଜତ୍ୱକାଳୀନ ଓଡ଼ିଆ ଲିପି (ଖ୍ରୀଷ୍ଟାବ୍ଦ ୧୧ଶ, ୧୨ଶ ଓ ୧୩ଶ ଶତାବ୍ଦୀ)



(୭) ସୂର୍ଯ୍ୟବଂଶ ରାଜତ୍ୱକାଳୀନ ଓଡ଼ିଆ ଲିପି (ଖ୍ରୀଷ୍ଟୀୟ ୧୫ଶ ଶତାବ୍ଦୀ)




(୮) କରଣି ଲିପି (ପୂର୍ଣ୍ଣଚଂଦ୍ର ଓଡ଼ିଆ ଭାଷାକୋଷ ୩ୟ ଖଣ୍ଡର ପରିଶିଷ୍ଟରୁ ଗୃହୀତ)



# ଓଡ଼ିଆ ଲିପିର କ୍ରମବିକାଶ

## (DEVELOPMENT OF ORISSAN SCRIPT)




